# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**3 October - 2024**

**News Editor : Itishree Singh Rathaur**

***********************************

## ମୁଖ୍ୟ ସମ୍ବାଦ

- ଆଗାମୀ ଦିନରେ ଓଡ଼ିଶା ଶିଳ୍ପ ପେଣ୍ଠସ୍ଥଳୀରେ ପରିଣତ ହେବ; କହିଲେ, ମୁଖ୍ୟମନ୍ତ୍ରୀ

— ନୂଆଦିଲ୍ଲୀରେ ରାଷ୍ଟ୍ରଦୂତମାନଙ୍କ ସହ ରାଜ୍ୟରେ ପୁଞ୍ଜିନିବେଶ ନେଇ କଲେ ଆଲୋଚନା

- ଦୁର୍ଗାପୂଜା ପୂର୍ବରୁ କଟକ ସହରର ରାସ୍ତାଘାଟ ମରାମତି କାର୍ଯ୍ୟ ଶେଷ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ରାଜ୍ୟରେ ମୋଟ୍ ୬୯୬ଟି କଲରାପତରିଆ ବାଘ ଥିବା ବନବିଭାଗର ଗଣନାରୁ ପ୍ରକାଶ

ଏବଂ

- ଜଗତ୍‌ଜନନୀ ମା' ଦୁର୍ଗାଙ୍କ ନବରାତ୍ର ପୂଜା ପାଇଁ ବିଭିନ୍ନ ଶକ୍ତିପୀଠ ଓ ମନ୍ଦିର ଉତ୍ସବମୁଖର

## ନିବେଶକ ସମ୍ମିଳନୀ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆଗାମୀ ଦିନରେ ଓଡ଼ିଶା ଏକ ଶିଳ୍ପ ପେଣ୍ଠସ୍ଥଳୀରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀରେ ୩୪ଟି ଦେଶର ରାଷ୍ଟ୍ରଦୂତମାନଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ ବାତାବରଣ ଓ ପୁଞ୍ଜିନିବେଶ ନେଇ ସକାରାତ୍ମକ ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହାଭାଗିତା ଭିତ୍ତିରେ ରାଜ୍ୟରେ ବିଦେଶୀ ପୁଞ୍ଜିନିବେଶ ପାଇଁ ଚର୍ଚ୍ଚା ହୋଇଛି। ସେ କହିଛନ୍ତି, ଆଗାମୀ ଦିନରେ ସେମିକଣ୍ଡକ୍ଟର, ପ୍ରଯୁକ୍ତିବିଦ୍ୟା, ସବୁଜଶକ୍ତି, ପେଟ୍ରୋକେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରରେ ୨୦୨୫ ମସିହା ଜାନୁୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଏକ ସର୍ବବୃହତ ଶିଳ୍ପ ସମାବେଶ ହେବାକୁ ଯାଉଛି। ଏହା ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହାରେ ବିକଶିତ ଓଡ଼ିଶା ଗଠନ ଦିଗରେ ମୂଳଦୁଆ ପକାଇବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ହାଇକୋର୍ଟ

କଟକ ସହରର ବିଭିନ୍ନ ସମସ୍ୟା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି ହୋଇଛି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ପୂଜାପୂର୍ବରୁ ରାସ୍ତାଘାଟର ମରାମତି ତୁରନ୍ତ ଶେଷ କରିବାକୁ କଟକ ମହାନଗର ନିଗମ- ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରର ରାସ୍ତାରେ ଲାଇଟ୍ ଗେଟ୍‌ଗୁଡିକର ବିଦ୍ୟୁତ ତାର ଯେପରି ଅସୁରକ୍ଷିତ ହୋଇ ନ ରହେ ସେନେଇ ସିଏମ୍‌ସି ଯତ୍ନବାନ୍ ହେବାକୁ ଆଦେଶ

ଦେଇଛନ୍ତି। ଏଥିସହ ପୂଜା ପୂର୍ବରୁ ସହରର ରାସ୍ତାରେ ଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ପୂଜା ଓ ଭସାଣ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଧାର୍ଯ୍ୟ କରିଥିବା ନିର୍ଦ୍ଦିଷ୍ଟ ଡେସିବଲ ଅନୁଯାୟୀ ଡିଜେ ସାଉଣ୍ଡ ବଜାଇବାକୁ ଉଚ୍ଚନ୍ୟାୟାଳୟ ଅନୁମତି ଦେଇଛନ୍ତି। ପୂଜା ପୂର୍ବରୁ ଏ ନେଇ ସମସ୍ତଙ୍କୁ ସଚେତନ କରି କଟକଣା କଡାକଡି କରିବାକୁ କୁହାଯାଇଛି।

## ବନ୍ୟପ୍ରାଣୀ ଆବାସସ୍ଥଳି ସୁରକ୍ଷା

ବନ୍ୟପ୍ରାଣୀ ଏବଂ ସେମାନଙ୍କ ଆବାସସ୍ଥଳିର ସୁରକ୍ଷା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି।  ଭୁବନେଶ୍ୱରରେ ୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମନ୍ତ୍ରୀ କହିଛନ୍ତି, ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ସଂରକ୍ଷଣ ଓ ଅଭିବୃଦ୍ଧି ନେଇ ସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମାନବ ସମାଜ ତିଷ୍ଠି ରହିବା ପାଇଁ ପ୍ରାକୃତିକ ଭାରସାମ୍ୟ ରକ୍ଷା ଜରୁରୀ। ଏଥିପାଇଁ ବନ୍ୟପ୍ରାଣୀମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଓଡ଼ିଶାର ଭୌଗୋଳିକ ଆୟତନର ୩୬ ଦଶମିକ ୨/୧ ପ୍ରତିଶତ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ ଏହା ଜାତୀୟ ହାରଠାରୁ ୨୪ ପ୍ରତିଶତ ଅଧିକ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଏବଂ ବିଲୁପ୍ତପ୍ରାୟ ବନ୍ୟଜୀବଙ୍କ ବଂଶ ବୃଦ୍ଧି ପାଇଁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯିବା

କହିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ତମାଖୁମୁକ୍ତ ଅଭିଯାନ-୨.୦

**ରାୟଗଡ଼ା**ରେ ତମାଖୁମୁକ୍ତ ଅଭିଯାନ ୨.୦ ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ପାରୁଲ ପଟୱାରୀ ଶୁଭାରମ୍ଭ କରିଛନ୍ତି । ଗତମାସ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସମଗ୍ର ଜିଲ୍ଲାରେ ୬୦ ଦିନ ଧରି ଚାଲିବ । ଅଭିଯାନ ସମୟ ମଧ୍ୟରେ ଜିଲ୍ଲାର ପ୍ରାୟ ୧୬୦ଟି ବିଦ୍ୟାଳୟ ଓ ୨୦ଟି ଗ୍ରାମକୁ ତମାଖୁମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## କୃଷି ଯନ୍ତ୍ରପାତି ସମାବେଶ

ଭୁବନେଶ୍ୱର କୃଷିଭବନସ୍ଥିତ ପ୍ରେକ୍ଷାଳୟରେ କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ ଅନୁଷ୍ଠିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ କହିଛନ୍ତି, ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବ୍ରହ୍ମପୁର, ବଲାଙ୍ଗିର, କୋରାପୁଟର ଜୟପୁର ଓ କେନ୍ଦୁଝରରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯିବ । ସେହିଭଳି ଜିଲ୍ଲାସ୍ତର ଓ ଉପଖଣ୍ଡସ୍ତରରେ ମଧ୍ୟ କ୍ରମଅନୁଯାୟୀ ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି । ସେ କହିଛନ୍ତି, ରାଜ୍ୟରେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ କୃଷି ଯନ୍ତ୍ରପାତି ନିର୍ମାଣ ତଥା ମରାମତି କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଚାଷୀ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ଯନ୍ତ୍ରପାତିର ମରାମତି ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷି

ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ବାଘଗଣନା

ରାଜ୍ୟର ନିଜସ୍ୱ ପ୍ରଥମ କଲରାପତରିଆ ବାଘ ଗଣନା ରିପୋର୍ଟ ଆଜି ପ୍ରକାଶ ପାଇଛି। ରାଜ୍ୟର ବନବିଭାଗର ଗଣନା ଅନୁସାରେ, ରାଜ୍ୟରେ ମୋଟ୍ ୬୯୬ କଲରାପତରିଆ ବାଘ ଅଛନ୍ତି। ୨୦୨୨ ମସିହାରେ ରାଜ୍ୟରେ ୫୬୮ କଲରା ପତରିଆ ବାଘ ଥିବାନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ-ଏନ୍.ଟି.ସି.ଏ. ରିପୋର୍ଟ ପ୍ରକାଶ କରିଥିଲା। ୨୦୧୮ ମସିହାରେ ଏହି ସଂଖ୍ୟା ୭୬୦ ରହିଥିଲା। ନିଜସ୍ୱ କଲରାପତରିଆ ଗଣନା ପାଇଁ ବନବିଭାଗ ନିଷ୍ପତ୍ତି ନେଇଥିଲା। ସ୍ୱତନ୍ତ୍ର ଭାବେ କ୍ୟାମେରା ଟ୍ରାପ୍ ଲଗାଯାଇ ବାଘ ଗଣନା କରାଯିବା ସହ ଫଟୋ କ୍ୟାପ୍‌ଚର, ପାଦଚିହ୍ନକୁ ଦେଖି ବାଘ ସଂଖ୍ୟା ହିସାବ କରାଯାଇଛି।

ରାଜ୍ୟରେ ୪୭ଟି ବନଖଣ୍ଡରେ ଏହି ଗଣନା କରାଯାଇଥିଲା। ଗଣନା ଅନୁସାରେ, ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ସର୍ବାଧିକ କଲରାପତରିଆ ବାଘ ଅଛନ୍ତି।

## ନବରାତ୍ର ପୂଜା-ସମଲେଇ ପୀଠ

ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆଜି ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମା’ଙ୍କୁ ଶୈଳପୁତ୍ରୀ ମାତା ରୂପେ ପୂଜା କରାଯାଇଥାଏ। ଭଗବାନ ବ୍ରହ୍ମା, ଶିବ ଏବଂ ବିଷ୍ଣୁଙ୍କର ସମ୍ମିଳିତ

ଶକ୍ତିର ଆଧାର ରୂପେ ମା'ଙ୍କୁ ଆରାଧନା କରାଯାଇଥାଏ। ମା' ଦୁର୍ଗାଙ୍କ ଆଗମନ ପାଇଁ ପୁରପଲ୍ଲୀଠାରୁ ଆରମ୍ଭ କରି ସହରଗୁଡିକ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ଦେବୀମନ୍ଦିର ତଥା ଶକ୍ତିପୀଠଗୁଡ଼ିକରେ ମା'ଙ୍କର ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେଉଛି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ନବରାତ୍ର ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସମସ୍ତଙ୍କର କଲ୍ୟାଣ କାମନା କରିଛନ୍ତି। **ରାଜ୍ୟପାଳ** ରଘୁବର ଦାସ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶାରଦୀୟ ନବରାତ୍ରର ଶୁଭେଚ୍ଛା ଜଣାଇଛନ୍ତି। ସେହିପରି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନିକଟରେ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ସାହସ, ଧୈର୍ଯ୍ୟ ଓ ସ୍ଥିରତାର ପ୍ରତୀକ ଶକ୍ତିସ୍ୱରୂପା ମା' ଶୈଳପୁତ୍ରୀ ସମସ୍ତଙ୍କୁ ଆରୋଗ୍ୟ, ସମୃଦ୍ଧି ଓ ଉନ୍ନତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

**କଟକ** ମା' ଚଣ୍ଡୀଙ୍କ ମନ୍ଦିରରେ ଆଜି ମା' ଜଗଦ୍ଧାତ୍ରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି। ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। **ସମ୍ବଲପୁର**ସ୍ଥିତ ମା' ସମଲେଶ୍ୱରୀଙ୍କ ପୀଠରେ ଆଜିଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ, ସେଥିପାଇଁ ଧାଡିର ବ୍ୟବସ୍ଥା କରାଯାଇଛି। **ଭଦ୍ରକ** ଜିଲ୍ଲାର ବିଭିନ୍ନ ଦେବୀପୀଠରେ ନବରାତ୍ର ପୂଜା ଆରମ୍ଭ

ହୋଇଛି। ଆରଡୀର ପ୍ରସିଦ୍ଧ ବାବା ଆଖଣ୍ଡଳମଣୀ ପୀଠରେ ଥିବା ମା’ ଜୟଦୁର୍ଗାଙ୍କୁ ଆଜି ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିବାବେଳେ ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ପୀଠ, ମା’ ଧାମରାଇ, ଦକ୍ଷିଣେଶ୍ୱରୀ କାଳୀ ଆଦି ଶକ୍ତିପୀଠରେ ଏହି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି। **ବୌଦ୍ଧ** ଜିଲ୍ଲାର ପୁରୁଣାକଟକସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମାଆ ଭୈରବୀଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଜିଲ୍ଲାରେ ଥିବା ଅନ୍ୟ ଶକ୍ତିପୀଠ ମା’ ମାହେଶ୍ୱରୀ, ମା’ ଖମ୍ଭେଶ୍ୱରୀ ଏବଂ ମା’ ଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜା ବିଧି ଆଜିଠାରୁ ଅନୁଷ୍ଠିତ ହୋଇଛି। **ଗଞ୍ଜାମ** ଜିଲ୍ଲାର ବିଭିନ୍ନ ଦେବୀପୀଠରେ ନବରାତ୍ରୀ ପୂଜା ଆୟୋଜିତ ହୋଇଛି।

## ଆହାର ଭୋଜନ

**ସମ୍ବଲପୁର**ର ଜେଲ୍ ଛକ ନିକଟରେ ଥିବା ଆହାର କେନ୍ଦ୍ରରେ  ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଭୋଜନ କରିଛନ୍ତି। ଆହାର କେନ୍ଦ୍ରରେ ସାଧାରଣ ଲୋକଙ୍କ ଧାଡ଼ିରେ ଛିଡାହୋଇ ଶ୍ରୀ ପୂଜାରୀ ଆହାରକେନ୍ଦ୍ର ଖାଦ୍ୟ ଖାଇ ଏହାର ମାନର ତଦାରଖ କରିଥିଲେ। ଏହି ସମୟରେ ଉପସ୍ଥିତ ଲୋକମାନଙ୍କ ସହ ସେ ଆଲୋଚନା କରିବା ସହ କର୍ମଚାରୀମାନଙ୍କୁ ଏହାର ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ବୌଦ୍ଧ ଜିଲ୍ଲା ଗସ୍ତ

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ୍ ରାମଚନ୍ଦ୍ର ଯାଦବ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି।  ଏହି ବୈଠକରେ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାର କାର୍ଯ୍ୟକାରିତା, ଜିଲ୍ଲା ରାଜସ୍ୱ ଆଦାୟ, ଚିକିତ୍ସା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ସମେତ ବିଭିନ୍ନ କାର୍ଯ୍ୟକ୍ରମର ସେ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡିସିପିଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ୍‌ର ଅତିରିକ୍ତ କମିଶନର ଭାବେ ଆଇପିଏସ୍ ଉମାଶଙ୍କର ଦାସ୍ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି, ଭୁବନେଶ୍ୱର ଡିସିପି ଭାବେ ୨୦୧୧ ମସିହାର ଆଇପିଏସ୍ ଅଫିସର ପିନାକ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । କମିଶନରେଟ୍ ପୁଲିସ୍‌ର ସୁସ୍ଥ ପରମ୍ପରାକୁ ଆଧାର କରି ସହରବାସୀଙ୍କୁ ଉତ୍ତମ ପୁଲିସ୍ ସେବା ଯୋଗାଇଦେବାକୁ ଯତ୍ନବାନ୍ ହେବେ ବୋଲି ଦାୟିତ୍ୱଗ୍ରହଣ ପରେ ଶ୍ରୀ ମିଶ୍ର କହିଛନ୍ତି । ନବରାତ୍ର ଆଜିଠାରୁ ଆରମ୍ଭ ହେଉଛି । ପୂଜାକୁ ଶାନ୍ତିଶୃଙ୍ଖଳା, ହର୍ଷୋଲ୍ଲାସର ସହିତ ସମ୍ପନ୍ନ କରିବା ପ୍ରାଥମିକତା ହେବ ବୋଲି ଡିସିପି ଶ୍ରୀ ମିଶ୍ର କହିଛନ୍ତି ।

## ପାଣିପାଗ

ଦକ୍ଷିଣ-ପୂର୍ବ ବାଂଲଶଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି  ଉତ୍ତର ବଙ୍ଗୋପସାଗର ନିକଟସ୍ଥ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳ ନିକଟରେ ଆସନ୍ତାକାଲିସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୧ଟି ଜିଲ୍ଲାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

**********************************